OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*




*Review Article*

# ଫକୀରମୋହନଙ୍କ ଗଳ୍ପରେ ନାରୀଶିକ୍ଷାର ଆବେଦନ : ଏକ ପୁନର୍ମୂଲ୍ୟାୟନ

**ଆଲୋକ ରଞ୍ଜନ ଷଡ଼ଙ୍ଗୀ**

ଅଧ୍ୟାପକ,ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ, ଭାରତ

**Corresponding Author:** * ଆଲୋକ ରଞ୍ଜନ ଷଡ଼ଙ୍ଗୀ

**DOI:** https://doi.org/10.5281/zenodo.20666331

**ସାରାଂଶ:**

ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟର ଆଦି କଥାଶିଳ୍ପୀ। କଥାସମ୍ରାଟ ଫକୀରମୋହନଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ ରେବତୀକୁ ସମାଲୋଚକମାନେ ନାରୀଶିକ୍ଷା ସପକ୍ଷରେ ଏକ ଦୃଢ଼ ଇସ୍ତାହାର ଭାବରେ ବିବେଚନା କରିଥାନ୍ତି। କିନ୍ତୁ ଏହି ପ୍ରବନ୍ଧରେ ଫକୀରମୋହନ ସେନାପତିଙ୍କ ରେବତୀ ଗଳ୍ପ ସମେତ ଅନ୍ୟ ଗଳ୍ପ ସାହିତ୍ୟରେ ନାରୀଶିକ୍ଷାର ଆବେଦନକୁ ଏକ ପୁନର୍ମୂଲ୍ୟାୟନ କରାଯାଇଛି। ଲେଖକ ଫକୀରମୋହନଙ୍କ ପ୍ରଥମ ଗଳ୍ପ 'ରେବତୀ'ରେ ନାରୀଶିକ୍ଷାକୁ କୁସଂସ୍କାର ଓ ଅନ୍ଧବିଶ୍ୱାସର ପ୍ରତୀକ ଭାବରେ ଉପସ୍ଥାପନ କରିବାରେ ଥିବା ସାମାଜିକ ପ୍ରତିବଦ୍ଧତାର ଅଭାବ ଏବଂ ଲେଖକୀୟ ଶିଥିଳତାକୁ ସମ୍ପର୍କରେ ଆଲୋକପାତ କରାଯଇଛି। ତତ୍କାଳୀନ ସମାଜର ବିରୋଧୀ ପରିବେଶ, ଲେଖକଙ୍କ ଆତ୍ମଚରିତ ଉକ୍ତି ଏବଂ ଗଳ୍ପର ପ୍ରଭାବକୁ ଆଧାର କରି ଏହାକୁ ଏକ ଐତିହାସିକ ତ୍ରୁଟି ଭାବରେ ଚିହ୍ନଟ କରାଯାଇଛି। ପରବର୍ତ୍ତୀ ଗଳ୍ପ 'ସଭ୍ୟଜମିଦାର', 'ପାଠୋଇ ବୋହୂ' ଏବଂ ବିଶେଷକରି ଶେଷ ଗଳ୍ପ 'ଗାରୁଡିମନ୍ତ୍ର' ମାଧ୍ୟମରେ ଫକୀରମୋହନଙ୍କ ଦୃଷ୍ଟିଭଙ୍ଗୀର କ୍ରମିକ ପରିବର୍ତ୍ତନ ଏବଂ ନାରୀଶିକ୍ଷା ଓ ନବଚେତନା ପ୍ରତି ଅନୁକୂଳ ସ୍ଥିତି ଗ୍ରହଣକୁ ଆଲୋଚନା କରାଯାଇଛି। ପ୍ରବନ୍ଧଟି ସାହିତ୍ୟ ଓ ସମାଜ ସଂସ୍କାରର ପରସ୍ପର ସମ୍ପର୍କକୁ ଗୁରୁତ୍ୱ ଦେଇ ଫକୀରମୋହନଙ୍କ ରଚନାର ଏକ ସନ୍ତୁଳିତ ପୁନର୍ବିଚାର ପ୍ରସ୍ତାବ କରୁଛି।

**Manuscript Information**

- **ISSN No:** 2583-7397
- **Received:** 10-01-2026
- **Accepted:** 25-02-2026
- **Published:** 28-02-2026
- **IJCRM:**5(1); 2026: 970-973
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଆଲୋକ ରଞ୍ଜନ ଷଡ଼ଙ୍ଗୀ. ଫକୀରମୋହନଙ୍କ ଗଳ୍ପରେ ନାରୀଶିକ୍ଷାର ଆବେଦନ: ଏକ ପୁନର୍ମୂଲ୍ୟାୟନ. Int J Contemp Res Multidiscip. 2026;5(1): 970-973.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ:** ଫକୀରମୋହନ ସେନାପତି, ନାରୀଶିକ୍ଷା, ରେବତୀ, ଗାରୁଡିମନ୍ତ୍ର, ପାଠୋଇ ବୋହୂ, ସଭ୍ୟଜମିଦାର, ଓଡ଼ିଆ ଗଳ୍ପ ସାହିତ୍ୟ, ସମାଜ ସଂସ୍କାର, କୁସଂସ୍କାର, ନବଚେତନା।


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ପ୍ରସଙ୍ଗ**

ଫକୀର ମୋହନଙ୍କ ସାହିତ୍ୟ ରଚନାର ଉଦ୍ଦେଶ୍ୟ କେବଳ ରସାଳ ଭାବାବେଗରେ ଆହ୍ଲାଦିତ କରିବାର ନଥିଲା, ତେଣୁ ତାଙ୍କ ସାହିତ୍ୟର ସମୀକ୍ଷା କେବଳ ବିମୁଗ୍ଧ ଦୃଷ୍ଟିରେ କରାଯାଇ ପାରିବ ନାହିଁ। ଫକୀରମୋହନଙ୍କ ସମକାଳୀନ ସାହିତ୍ୟ ରଚନାର ମୁଖ୍ୟ ଉଦ୍ଦେଶ୍ୟଥିଲା ଏକ ସଂସ୍କାର ସଂପନ୍ନ ସମାଜ ଗଠନ ଯେଉଁଠି ନବଚେତନାର ପ୍ରତିଷ୍ଠାକରି ମାନବତାର ଜୟଗାନ କରିହେବ। ଅନ୍ଧାରରୁ ବାହାରି ଆସି ମାନବୀୟ ବିଚାରବୋଧର ଆଲୋକରେ ନିଜକୁ ନିଜେ ଚିହ୍ନିହେବ । ଫକୀରମୋହନଙ୍କ ସମୟରେ ସୃଷ୍ଟିହୋଇଥିବା ନବଚେତନାର ସାହିତ୍ୟ ଶହଶହ ବର୍ଷର ପରମ୍ପରାବୋଧ ବିରୁଦ୍ଧରେ ସଂଘର୍ଷ କରୁଥିବା ବେଳେ ଲେଖକର ଦାୟିତ୍ୱବୋଧ ଓ ଅଙ୍ଗୀକାରବଦ୍ଧତା ଜନିତ ଶୃଙ୍ଖଳାବୋଧ ଏକାନ୍ତ ଆବଶ୍ୟକ ଥିଲା। ସାମାଜିକ ଆବେଦନ ଘେନି ସାହିତ୍ୟର ଏବଂ ସାହିତ୍ୟିକ ଅବବୋଧ ଘେନି ସମାଜର ଭାଗ୍ୟ ନିର୍ଦ୍ଧାରିତ ହେଉଥିଲା। ସାହିତ୍ୟ ଓ ସମାଜ ପ୍ରତି ଉଭୟ ନୂତନତା ଓ ପ୍ରାଚୀନତାର ତୀକ୍ଷ୍ଣ ନଜର ଥିଲା । ଲେଖକର ସାମାନ୍ୟ ମାତ୍ର ତ୍ରୁଟି ଏକ ବିଶାଳ ଭାବବୋଧକୁ ନଷ୍ଟ କରିଦେବା ପାଇଁ ଯଥେଷ୍ଟ ଥିଲା। ଏ ସମୟରେ ଲେଖାଯାଇଥିବା ସାହିତ୍ୟର ସମୀକ୍ଷାରେ ରସସୌନ୍ଦର୍ଯ୍ୟର ଉତ୍କର୍ଷ ଅପକର୍ଷ ଚିହ୍ନାଇଦେବା ଅପେକ୍ଷା ସାମାଜିକ ଆବେଦନକୁ ଗୁରୁତ୍ୱାରୋପ କରାଯାଏ। ଏହି ଦୃଷ୍ଟିକୋଣରୁ ଫକୀରମୋହନଙ୍କ ରେବତୀରୁ ଗାରୁଡିମନ୍ତ୍ର ଗଳ୍ପଯାଏ ରହିଥିବା ନାରୀଶିକ୍ଷାର ସାମାଜିକ ଆବେଦନକୁ ଆଲୋଚନା କରାଯାଇପାରେ।

'ଲୋ ରେବୀ,ଲୋ ନିଆଁ, ଲୋ ଚୁଲି' ସଂଳାପ ସହ ଓଡ଼ିଆ ପାଠକ ଘନିଷ୍ଠ ଭାବରେ ଜଡ଼ିତ। କିନ୍ତୁ ବ୍ୟକ୍ତିଗତ ଭାବରେ ଯେତେଥର ରେବତୀ ଗଳ୍ପ ଶୁଣିଛି ଆଉ ପଢିଛି ସେତେଥର ଅନ୍ତର ଭିତରେ ଗୋଟିଏ ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ ଯେ କ'ଣ ଏମିତି ହୋଇପାରେ ? ଝିଅଟିଏ ପାଠ ପଢିଲେ ଗୋଟିଏ ପରିବାରର ଏମିତି କରୁଣ ବିପର୍ଯ୍ୟୟ ଘଟିପାରେ? ଓଡିଆ କଥା ସାହିତ୍ୟର ଶ୍ରେଷ୍ଠ ବିନ୍ଧାଣୀ ଫକୀରମୋହନ ସେନାପତି କଣ ଆମୂଳକ କଥା ଲେଖିବେ। ଏହାହିଁ ଥିଲା ରେବତୀ ଗଳ୍ପ ପ୍ରତି ମୋର ପ୍ରତିକ୍ରିୟା । ଏହି ପ୍ରତିକ୍ରିୟା କେବଳ ମୋର ନଥିଲା ହୁଏତ ଅନେକ ସାଧାରଣ ଓଡ଼ିଆ ପାଠକଙ୍କର ଏହା ଏକ ସାଧାରଣ ଅବବୋଧ। ଯଦି ଏକବିଂଶ ଶତାବ୍ଦୀର ବୈଜ୍ଞାନିକ ସଭ୍ୟତାରେ (ଯେଉଁ ସମୟରେ କି ନାରୀ ଅନ୍ତରୀକ୍ଷରେ ପାଦଥାପି ସାରିଛି) ମଧ୍ୟ ରେବତୀ ଗଳ୍ପର ମାର୍ମିକ ଯନ୍ତ୍ରଣାକୁ ଅନୁଭବ ନକରି ଝିଅଟିଏର ପାଠପଢ଼ା ପ୍ରତି ସନ୍ଦେହର ଚାହାଣୀଟେ ଚାହିଁ ହୁଏ ତାହେଲେ 'ରେବତୀ' ଗଳ୍ପ ରଚନା କରାଯାଇଥିବା ତତ୍କାଳୀନ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭର୍ତ୍ତି ସାମାଜିକ ପରିବେଶରେ ରେବତୀ କେତେ ମାତ୍ରାରେ ଜନମାନସକୁ ଜୟକରି ନିଜର ପାଠ ପଢାପାଇଁ ସମର୍ଥନ ଯୋଗାଡ କରି ପାରିଥିବ ?

ଫକୀର ମୋହନ ସେନାପତି ନିଜର 'ଅତ୍ମଚରିତ' ପୁସ୍ତକରେ ଉଲ୍ଲେଖ କରିଛନ୍ତି-"ସେ ସମୟରେ ହିନ୍ଦୁ ସମାଜରେ ସ୍ତ୍ରୀ ଶିକ୍ଷା ଗୋଟାଏ ଭୀଷଣ ଦୁଷ୍କାର୍ଯ୍ୟ ମଧରେ ଗଣ୍ୟ ହେଉଥିଲା । ସ୍ତ୍ରୀ ମହଲରେ କୁସଂସ୍କାର,ଝିଅ ପାଠ ପଢିଲେ ବିଧବା ହୋଇଯାଏ । ତାହାର ରନ୍ଧାଡିଅଣ ଲୁଣି ବା ଅଲଣା ହୁଏ। ତା ହାତରେ ତରକାରୀ ଭଲ ସିଝେ ନାହିଁ । ଅତି ବୁଦ୍ଧିମାନ ପୁରୁଷମାନଙ୍କ କଥା ଝିଅ ପାଠପଢି ଗୋମାସ୍ତାଗିରି କରିବେ ନା କଚେରୀରେ ଅମଲାଗିରି କରିବେ ?" ଏଥିରୁ ଆମେ ଗାଳ୍ପିକ ସେନାପତି ମହୋଦୟ ଜୀବନ ବଞ୍ଚୁଥିବା ସମାଜର ସ୍ତ୍ରୀ ଶିକ୍ଷା ବିରୋଧି ମନ୍ତବ୍ୟ ତଥା କଟାକ୍ଷକୁ ସ୍ପଷ୍ଟ ଅନୁଭବ କରି ପାରିବା। ଏଭଳି ଅନ୍ଧକାରରେ ଆଚ୍ଛାଦିତ ହୋଇଥିବା, କୁସଂସ୍କାରକୁ ନିଜର ପୋଷାକ କରି ପିନ୍ଧିଥିବା ସମାଜ ଯେତେବେଳେ ରେବତୀର କାହାଣୀ ଶୁଣିଥିବ, ତା ପ୍ରତି ସମ୍ବେଦନଶୀଳ ହୋଇ ଆହାଃ ପଦେ କହିପାରିଥିବା ନା ଜେଜେମା ପରି 'ଆପଣା କିଆ ତହିଁକି ଇଲାଜ କିଆଁ' ପରି ମନ୍ତବ୍ୟଟେ ଦେଇଥିବ ? ଏହାକୁ ଗଭୀର ଭାବେ ନିରପେକ୍ଷ ଚିନ୍ତନ କରିବା ନିତ୍ୟାନ୍ତ ଆବଶ୍ୟକ ପରି ମନେହୁଏ ।

ଓଡିଆ ସାହିତ୍ୟରେ କ୍ରାନ୍ତିକାରୀ ସ୍ରଷ୍ଟା ଭାବରେ ପରିଚିତ ଫକୀରମୋହନ ସେନାପତି ଯେତେବେଳେ ସ୍ତ୍ରୀଶିକ୍ଷା ପରି ଏକ ପରମ୍ପରା ଏବଂ ସମାଜ ବିରୋଧି ବିଷୟକୁ ହିଁ ସମାଜରେ ପ୍ରତିଷ୍ଠା ଦେବାକୁ ପ୍ରଚେଷ୍ଟା କରୁଛନ୍ତି ସେତେବେଳେ ତାଙ୍କ କ୍ରାନ୍ତିରେ ଶିଥିଳତା ପଡିଯାଉନିକି ? ପହଞ୍ଚିବାକୁ ଥିବା ଲକ୍ଷ୍ୟଠୁ ବିଚ୍ୟୁତ ହୋଇଯାଇ ନାହାନ୍ତି କି ? ଫକୀର ମୋହନ ସେନାପତି 'ଆତ୍ମଚରିତ'ରେ ଲେଖୁଛନ୍ତି "ଏପରି ଦୁର୍ଯୋଗ ସମୟରେ ସ୍ତ୍ରୀଶିକ୍ଷା ସମ୍ବନ୍ଧରେ ପ୍ରସ୍ତାବ କରିବା ଊଣା ସାହାସ କଥା ନୁହେଁ ।" ଉକ୍ତ ମନ୍ତବ୍ୟରୁ ଆମେ ହୃଦବୋଧ କରିପାରିବା ଯେ କେଉଁଠିନା କେଉଁଠି ଏହି ବିଷୟ ପ୍ରତି କ୍ରାନ୍ତିକାରୀ ଫକୀରମୋହନଙ୍କର ଭୟ ସଂପୂର୍ଣ୍ଣ ଭାବରେ ଦୂରହୋଇ ପାରି ନଥିଲା। ଯାହା ଫଳରେ ତାଙ୍କ ଗଳ୍ପ ଗୁଡିକରେ ନାରୀଶିକ୍ଷା ପ୍ରତି ଏକ ଅନୁକୂଳ ବାତାବରଣର ବାର୍ତ୍ତା ସୃଷ୍ଟି ହୋଇପାରି ନଥିଲା ।

ଫକୀରମୋହନ ସେନାପତି ଯେ ବାସ୍ତବ ଜୀବନରେ ନାରୀଶିକ୍ଷା ପ୍ରତି ରହିଥିବା ଅନ୍ଧତାକୁ ସମର୍ଥନ କରୁଥିଲେ ତାହା ନୁହେଁ। ମାତ୍ର ଗାଳ୍ପିକ ଫକୀରମୋହନ ଯେ ନାରୀଶିକ୍ଷାକୁ ସମାଜରେ ସଠିକ୍ ସମ୍ମାନ ଦେବାରେ ବିଫଳ ହେବା ସହିତ ନାରୀଶିକ୍ଷା ପ୍ରତି ରହିଥିବା ଦୃଷ୍ଟିଭଙ୍ଗୀକୁ ବିରୋଧ ନକରି ତାକୁ ଆହୁରି ଶକ୍ତ,କଠୋର କରିଥିଲେ ଏଥିରେ ସନ୍ଦେହ ନାହିଁ । କାରଣ ତତ୍କାଳୀନ ସମୟରେ ଫକୀରମୋହନ ସେନାପତି ଯେଉଁ ଦୃଷ୍ଟିରେ ରେବତୀ ଗଳ୍ପକୁ ଲେଖିଛନ୍ତି ସେହିଦୃଷ୍ଟିରୁ ପଢି,ବୁଝି ତାକୁ ଗ୍ରହଣ କରିବା ସମାଜରେ ସବୁପାଠକ ତଥା ମଣିଷ ପକ୍ଷରେ ସମ୍ଭବ ହୋଇ ନପାରେ । ଏ ଯୁକ୍ତିକୁ ସୁଦୃଢ କରିବା ପାଇଁ ସ୍ୱୟଂ ଗାଳ୍ପିକ ଫକୀର ମୋହନଙ୍କ 'ଅଜାନାତି କଥା' ଯାହାକି ଏକ ସତ୍ୟଘଟଣା ଉପରେ ଆଧାରିତ ବୋଲି ସେ ଲେଖିଛନ୍ତି ତାକୁ ନିଆଯାଇ ପାରେ । ଗାଳ୍ପିକଙ୍କ ସମୟରେ ସୃଷ୍ଟି ହୋଇଥିବା ନବଚେତନାର ସାହିତ୍ୟ ପ୍ରତି ସାଧାରଣ ପାଠକଙ୍କ ପ୍ରତିକ୍ରିୟା କିପରି ଥିଲା ଉକ୍ତ 'ଅଜାନାତି କଥା'ରୁ ଆମେ ବୁଝି ପାରିବା,ଯେଉଥିରେ କି 'ମୌନାମୌନି' ନାମକ ଗଳ୍ପ ପଢି ସାରିବା ପରେ ଅଜା ସେ ଗଳ୍ପରେ ବର୍ଣ୍ଣିତ ଘଟଣାର ସତ୍ୟାସତ୍ୟ ଖୋଜୁଛନ୍ତି ଏବଂ ନାତିକୁ ପ୍ରଶ୍ନ କରୁଛନ୍ତି ମିଥ୍ୟା ଗେଜେଟ୍ କାହିଁକି ପଢୁଛ ? ତେବେ ଯେଉଁ ସମାଜରେ ସାହିତ୍ୟକୁ ସମ୍ବାଦ ଭାବରେ ପାଠକ ପଢେ ଏବଂ ତାକୁ ସତ ଭାବିନିଏ ସେ ସମୟରେ ରେବତୀ ଗଳ୍ପ ପଢି ତାର ଭାବନା କଣ ହୋଇଥିବ ? ସେହିଦୃଷ୍ଟିରୁ ଦେଖିଲେ ଫକୀରମୋହନ ସେନାପତି ତତ୍କାଳୀନ ସମାଜରେ ରେବତୀକୁ ଏବଂ ତାର ପଢିବା ପ୍ରୀତି ପ୍ରତି ଉଚିତ ନ୍ୟାୟ ନଦେଇ ଏକ ପ୍ରତିକୂଳ ଅବାଧରଣା ସୃଷ୍ଟି କରିଥିଲେ ପରି ମନେହୁଏ,ସେହିଦୃଷ୍ଟିରୁ ସେନାପତିଙ୍କ ସ୍ତ୍ରୀଶିକ୍ଷା ବିଷୟବସ୍ତୁ ରହିଥିବା ଏବଂ ଉଚିତ ନ୍ୟାୟ ଦେଇ ନଥିବା ଗଳ୍ପଗୁଡିକୁ ଅନୁଧାନ କରି କିପରି ଭାବରେ ଅନ୍ତିମ ପର୍ଯ୍ୟାୟରେ ତାର ଏକ କ୍ଷୀଣ ସଂଶୋଧନ ଦେଖିବାକୁ ମିଳେ ତାକୁ ଆଲୋଚନା କରାଯାଇପାରେ ।


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରେବତୀ ଯେ ସାହିତ୍ୟିକ ରସାଳ ରସ ସୌନ୍ଦର୍ଯ୍ୟରେ ଲାଭକରିଛି ଅମାପ ପାଠକୀୟ ଆଦୃତି ତଥା ସାରସ୍ୱତ ସାର୍ଥକତା , ଏକଥାକୁ ସ୍ୱୀକାର କରିବାରେ ତିଳେ ହେଲେ କୁଣ୍ଠାନାହିଁ । ମାତ୍ର ସାମାଜିକ ମୂଲ୍ୟବୋଧ ତଥା ସାମାଜିକ ପ୍ରତିବଦ୍ଧତା ଦୃଷ୍ଟିରୁ ରେବତୀ ଗଳ୍ପରେ ଗାଳ୍ପିକଙ୍କ ନାରୀଶିକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଉପସ୍ଥାପନ କରିବା ସମୟରେ  ଲେଖକଙ୍କ ଯେତିକି ପ୍ରତିବଦ୍ଧତା ରହିବା କଥା ସେତିକି ରହିପାରିନି । ଗଳ୍ପଟିରେ ଗାଳ୍ପିକଙ୍କ ପ୍ରତିବଦ୍ଧତା ଶ୍ୟାମବନ୍ଧୁ ମହାନ୍ତି ପ୍ରଭାହୀନ ଗୋଟିଏ ଦି'ଟା ସଂଳାପ ଭିତରେ ହିଁ ଶେଷ ହୋଇଯାଇଛି । ଆଉ ତା ପରେ ଆରମ୍ଭ ହୋଇଛି ପରମ୍ପରାର ରେଳଗାଡି । ଯେଉଁ ରେଳଗାଡି ଚକତଳେ ବିଦୀର୍ଣ୍ଣ ହୋଇଯାଇଛି ସ୍ତ୍ରୀଶିକ୍ଷା ପ୍ରତି ରହିଥିବା ସମର୍ଥନ ଟିକକ । ବିଜୟଲାଭ କରୁଛି ଅନ୍ଧତା ,ପରମ୍ପରା ,କୁସଂସ୍କାର । ବିଶିଷ୍ଟ ସାହିତ୍ୟ ସମାଲୋଚକ ନଟବର ସାମନ୍ତରାୟଙ୍କ 'ଫକୀର ମୋହନ ସାହିତ୍ୟ ସମୀକ୍ଷା' ଗ୍ରନ୍ଥରେ  ରେବତୀ ଗଳ୍ପ ସଂର୍ପକରେ ରହିଥିବା ଉଦ୍ଧୃତିଟିଏ ମୋର ବକ୍ତବ୍ୟକୁ ସୁଦୃଢ କରିବା ପାଇଁ ଉଦ୍ଧାର କରାଯାଇ ପାରେ-"ପ୍ରଥମେ ଅନ୍ଧତାକୁ ବିଦୃପ କରିବାକୁ ଯାଇ ଗଳ୍ପ ଅବତାରଣ କରିଛନ୍ତି । କିନ୍ତୁ ତାଙ୍କ ସୃଷ୍ଟି ଏଇ ପ୍ରଥମ ଅନ୍ଧତାକୁ ଅନୁସରଣ କରି ଦ୍ୱିତୀୟ ଅନ୍ଧତାକୁ ଅନୁସରଣ କରି ଦ୍ୱିତୀୟ ଅନ୍ଧତାରେ ଉପନୀତ ହୋଇଛି ।ଫଳରେ ଆପାତ ଦୃଷ୍ଟିରେ ଯାହାଥିଲା ଅତିହେୟ ବିଦୃପରେ  କେନ୍ଦ୍ର ତାହା ଆମକୁ ନେଇଯାଇଛି ଏକ ଜୀବନ୍ତ ସତ୍ୟ ନିକଟକୁ । ପ୍ରଥମଟି ଥିଲା ଲକ୍ଷ୍ୟ;କିନ୍ତୁ ଏଇ ଲକ୍ଷ୍ୟର ଚରମ ସାର୍ଥକତା ଘଟିଛି ଏକ ସାହିତ୍ୟିକ ରସ ସୌନ୍ଦର୍ଯ୍ୟ ପ୍ରତିଷ୍ଠାରେ ।" ଉକ୍ତ ମନ୍ତବ୍ୟକୁ ଆଧାର କରି ଆମେ କହିପାରିବା ଯେ ରେବତୀ ଗଳ୍ପର ଲକ୍ଷ୍ୟ ଯେଉଁ ଉଚ୍ଚାଙ୍ଗ ଦିଗପ୍ରତି ଥିଲା ତାହା ନହୋଇ ଏକ ସାହିତ୍ୟିକ ରସ ସୌନ୍ଦର୍ଯ୍ୟ ପ୍ରତିଷ୍ଠାରେ ହୋଇଛି । ନାରୀଶିକ୍ଷା ସମାଜ ପାଇଁ ମଙ୍ଗଳ ଦାୟକ ତଥା ଉନ୍ନତିର ଶ୍ରେଷ୍ଠ ମାଧ୍ୟମ ଏକଥାକୁ ବାସ୍ତବ ଜୀବନରେ  ଉପଲବ୍ଧି କରିଥିଲେ ମଧ  ତାକୁ ଗଳ୍ପରେ  ପାଳନ କରି କହିବାର ସତସାହାସ କି ସତ୍ ମାର୍ଗଟେ  ନପାଇ ପରମ୍ପରାବାଦୀ ହୋଇପଡିଛନ୍ତି ଫକୀରମୋହନ ସେନାପତି ।

ରେବତୀ ଗଳ୍ପ ପ୍ରକାଶ ପାଇବାର ଷୋହଳ ବର୍ଷ ପରେ ଅର୍ଥାତ୍  ୧୯୧୪ ମସିହାରେ ଲେଖିଥିବା ଆଉ ଗୋଟେ ଗଳ୍ପ 'ସଭ୍ୟଜମିଦାର'ରେ ଫକୀରମୋହନ ସେନାପତି କଲିକତାର ଏକ ଶିକ୍ଷିତା ନାରୀ ନୟନତାରା ଦୁଃଖ ପାସୋରାକୁ ଆଣି ତା ମାଧମରେ ଯାହା ସବୁ କରାଇଛନ୍ତି  ତାହା ଓଡିଶାର ଲୋକଜୀବନକୁ ନାରୀଶିକ୍ଷା ପ୍ରତି ଆଉ ଏକ ବିଦ୍ୱେଷୀ ଭାବନା ପହଞ୍ଚାଇ ଦିଏ । ସେଭଳି କିଛି ଘଟଣା ଯେ ଘଟି ନଥିବ  ତାହା କୁହାଯାଇ ପାରିବ ନାହିଁ । ମାତ୍ର ଫକୀର ମୋହନଙ୍କ ପରି ଜଣେ ସମାଜ ସଂସ୍କାରକ କିପରି ଏପରି ଏକ କାହାଣୀକୁ ବିଷୟବସ୍ତୁ ଭାବରେ ଚୟନ କରି ପରିବେଷଣ କରିପାରନ୍ତି । ତତ୍କାଳୀନ ସମାଜରେ ନାରୀଶିକ୍ଷାର  ସୁପ୍ରଭାବ ପ୍ରତି ସମାଜର ସୁଦୃଷ୍ଟି ଆକର୍ଷଣ କରାଇପାରିନଥିବା ଗାଳ୍ପିକ ନାରୀଶିକ୍ଷାର କୁ-ପ୍ରଭାବ ଦେଖାଇ ନାରୀଶିକ୍ଷା ପ୍ରତି ହିଁ ସମାଜର କୁଦୃଷ୍ଟି ଆକର୍ଷଣ କରାଇବା ତାଙ୍କ ରେବତୀ ରଚନାକାଳୀନ ତ୍ରୁଟି ତାଲିକାରେ ଆଉ ଏକ ତ୍ରୁଟି ଯୋଡି ଦେଇଛନ୍ତି ।

ନିଜର ଅଜାଣତରେ ହେଉ ବା ବାଧ୍ୟବାଧକତାରେ ହେଉ ସମସାମୟିକ ସମାଜର ମୂଲ୍ୟବୋଧ ପ୍ରତି କରିଥିବା ଅନ୍ୟାୟ ଫକୀରମୋହନଙ୍କ ଗୋଚରରେ ଥିଲା । ତେଣୁ ସଭ୍ୟଜମିଦାର ରଚନାର ଏକ ବର୍ଷ ପରେ ଏବଂ ରେବତୀ ରଚନାର ଦୀର୍ଘ ୧୭ ବର୍ଷ ପରେ ଅର୍ଥାତ୍ ୧୯୧୫ ମସିହାରେ ସେ ଲେଖୁଛନ୍ତି ଆଉ ଏକ ନାରୀଶିକ୍ଷା ଆଧାରିତ ଗଳ୍ପ 'ପାଠୋଇ ବୋହୁ'। ଗଳ୍ପଟିର ନାୟକ ଗୋପାଳ ଚରଣ ନିଜ ସ୍ତ୍ରୀ  ଗଳ୍ପନାୟିକା ସରସ୍ୱତୀଙ୍କୁ ପାଠ ପଢାଇବାର ପ୍ରୟାସ କରିଛନ୍ତି । ଏ ଭିନ୍ନକଥା ଯେ ସରସ୍ୱତୀ ଅ,ଆ ରୁ ଇ ଯାଏଁ ବଢି ପାରି ନାହାନ୍ତି କିନ୍ତୁ ନାରୀଶିକ୍ଷା ପ୍ରତି ଗୋଟେ ସୁଦୃଷ୍ଟିଭଙ୍ଗୀ ଆଲୋଚ୍ୟ ଗଳ୍ପଟିରେ କ୍ଷୀଣହେଲେ ମଧ ଦେଖିବାକୁ ମିଳିଥାଏ । କାରଣ ଗଳ୍ପର ନାରୀର ମୁର୍ଖତା,ଅଶିକ୍ଷିତା ହେବା ଯେ କେତେ ଚିନ୍ତାର ବିଷୟ ହୋଇପାରେ ତାହା ପାଠକ ତଥା ସମାଜ ବ୍ୟଙ୍ଗବିଦୃପ ମାଧମରେ ମର୍ମେମର୍ମେ ଅନୁଭବ କରିପାରେ । ଏ ଗଳ୍ପ ସଂର୍ପକରେ ଚିନ୍ତାମଣି ଦାସ ତାଙ୍କର 'ସାହିତ୍ୟ ସାଧକ ଫକୀରମୋହନ' ପୁସ୍ତକରେ କହିଛନ୍ତି-"ଏଥିରେ 'ରେବତୀ' ଗଳ୍ପପରି ନାରୀ ସମାଜର ରକ୍ଷଣଶୀଳତା କୌଣସି ବେଦନାଦାୟକ ଘଟନାର ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହି ନାହିଁ। ପାଠୋଇ ବୋହୂର ନାମକରଣ ହିଁ ଅତି ବ୍ୟଙ୍ଗାତ୍ମକଭାବରେ ଏ ଗଳ୍ପର ବିଷୟବସ୍ତୁର ଇଙ୍ଗିତ ସୁସ୍ପଷ୍ଟ । 'ରେବତୀ' ଗଳ୍ପରେ ଗୋଟିଏ ବୃଦ୍ଧାଥିଲା ତାଙ୍କର ବ୍ୟଙ୍ଗବିଦ୍ରୁପର ଶିକାର। ଏ ବ୍ୟଙ୍ଗ ପୁଣି କରୁଣ ରସାସ୍ରିତ । କିନ୍ତୁ 'ପାଠୋଇ ବୋହୂ'ରେ ଫକୀରମୋହନ ଜଣେ ନିର୍ଭୀକ ସମାଜସଂସ୍କାରକ । ଏ ଗଳ୍ପ କେବଳ ହାସ୍ୟରସରେ ମାଧୁର୍ଯ୍ୟ ନୁହଁ ,ଏଥିରେ ଅଶିକ୍ଷିତା କୁଳବଧୂର ନିର୍ବୁଦ୍ଧିତା ଉପରେ ଶାଣିତ ବ୍ୟଙ୍ଗ । ବ୍ୟଙ୍ଗ,ହାସ୍ୟରସ  ,ବିଦ୍ରୁପ,କୌତୁକ,ରଙ୍ଗ ରହସ୍ୟ,ତିର୍ଯ୍ୟକ୍ ବାକଭଙ୍ଗୀ ଓ ବକ୍ରୋକ୍ତିର ମଧୁର ସମନ୍ୱୟରେ ଏହାର ଦୀର୍ଘାୟତନ ସତ୍ତ୍ୱେ ଏ ଗଳ୍ପଟି ଓଡିଆ ସାହିତ୍ୟର ଗୋଟିଏ ହୃଦ୍ୟ ଓ ଉପଭୋଗ୍ୟ ସାମଗ୍ରୀ ।"

୧୮୯୮ ମସିହାରେ ପ୍ରଥମକରି ସାହିତ୍ୟରେ ଗୋଟିଏ ଝିଅ  ପାଠପଢିବା ପାଇଁ ପାଦ କଚାଡି କଚାଡି ନିଜର ପରିବାରକୁ ,ନିଜର ଜୀବନକୁ ରସାତଳଗାମୀ କରି,୧୯୧୪ରେ ବିଶୃଙ୍ଖଳିତ ନାରୀର ମର୍ଯ୍ୟାଦା ପାଇ,୧୯୧୫ରେ ସ୍ୱାମୀ ତଥା ସମାଜ ଦ୍ୱାରା ଉପହସିତ ହୋଇ ପରିଶେଷରେ ତାର ମନସ୍କାମନା ପୂର୍ଣ୍ଣ ହେଉଛି ୧୯୧୭ ମସିହାରେ ଗାଳ୍ପିକ ଫକୀରମୋହନ ସେନାପତିଙ୍କ ଶେଷଗଳ୍ପ 'ଗାରୁଡିମନ୍ତ୍ର'ରେ । ମୋତେ ଲାଗେ ରେବତୀରେ ହୋଇଥିବା ଭୁଲକୁ ସୁଧାରିବା ପାଇଁ ହିଁ ଗାରୁଡିମନ୍ତ୍ରର ପରିକଳ୍ପନା କାରଣ ଗଳ୍ପଟିର ଛତ୍ରଛତ୍ରେ ଅନ୍ଧତା ,କୁସଂସ୍କାର,ଅନ୍ଧବିଶ୍ୱାସ ଭର୍ତ୍ତି ପୁରାତନ ଚେତନାକୁ ବ୍ୟଙ୍ଗ,ବିଦୃପ,ତାଚ୍ଛଲ୍ୟ କରି ନାରୀଶିକ୍ଷା ଓ ସ୍ୱାଧିନତା ପରି ନୂତନ ଚେତନାର ଜୟଗାନ କରିବା ପ୍ରଶଂସନୀୟ । ଗଳ୍ପଟିର ଶିକ୍ଷିତନାୟକ ମଦନମୋହନଙ୍କ ମାଧମରେ ଫକୀରମୋହନ ନିଜର ପ୍ରକୃତ ଆଦର୍ଶର ପ୍ରତିଫଳନ କରାଇପାରିଛନ୍ତି। ବାଲେଶ୍ୱରରେ  ସ୍ଥାପନ କରିଥିବା ବାଳିକା ବିଦ୍ୟାଳୟରେ ସେ ପ୍ରଥମ କରି ନିଜର ଗଳ୍ପନାୟିକା 'ମୋହିନୀ'ର ନାମ ଲେଖାଇଛନ୍ତି ଏବଂ ଶିକ୍ଷକ ଭାବରେ ମଦନମୋହନଙ୍କୁ ନିଯୁକ୍ତ କରିଛନ୍ତି। ରେବତୀ ଗଳ୍ପରେ ଯେପରି ନାରୀଶିକ୍ଷାର ପ୍ରତିନିଧିମାନେ ବିପର୍ଯ୍ୟୟର ସମ୍ମୁଖିନ ହୋଇଥିଲେ, ଠିକ୍ ସେହିପରି ଦଶା ଭୋଗିଛନ୍ତି 'ଗାରୁଡିମନ୍ତ୍ର' ଗଳ୍ପର ପରମ୍ପରାର ପ୍ରତୀକ ପଦି । ନାରୀଶିକ୍ଷା ସପକ୍ଷରେ ଯୁକ୍ତି ବଢିବାକୁ ଯାଇ ଫକୀରମୋହନ ରେବତୀ ଗଳ୍ପରୁ ଗାରୁଡିମନ୍ତ୍ର ଯାଏଁ ଏକ ଦୀର୍ଘଯାତ୍ରା ଅତିକ୍ରମ କରିଛନ୍ତି ଏବଂ ପରିଶେଷରେ ସଫଳ ମଧ ହୋଇଛନ୍ତି।


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ସହାୟକ ଗ୍ରନ୍ଥସୂଚୀ


1. କବି,ଅସିତ। ଫକୀରମୋହନଙ୍କ କୃତିରେ ସମକାଳୀନ ସମାଜ ଚିତ୍ର। ଗ୍ରନ୍ଥମନ୍ଦିର, ୧୯୮୫।
2. ଦାଶ, ଦେବେନ୍ଦ୍ର କୁମାର। (ସଂ) ଫକୀରମୋହନ ସେନାପତିଙ୍କ ଗଳ୍ପ ସମଗ୍ର। ଏନ୍. ବି. ଟି, ୨୦୨୨।
3. ଦାଶ ସର୍ବେଶ୍ୱର। ଯୁଗସ୍ରଷ୍ଟା ଫକୀରମୋହନ।ଗ୍ରନ୍ଥ ମନ୍ଦିର, ୧୯୮୩।
4. ଦାଶ, ଗଗନେନ୍ଦ୍ର ନାଥ। ସରସ୍ୱତୀ ଫକୀରମୋହନ : ସାହିତ୍ୟ ଓ ବ୍ୟକ୍ତିତ୍ୱ। ଗ୍ରନ୍ଥ ମନ୍ଦିର, ୨୦୦୬।
5. ପଟ୍ଟନାୟକ, କଇଳାଶ।(ସଂ) ଫକୀରମୋହନ ଗଳ୍ପମାଳା। ଫ୍ରେଣ୍ଡସ ପବ୍ଲିସର୍ସ, ୧୯୯୯।
6. ଶତପଥୀ, ବାଳକୃଷ୍ଣ। କୃତି ଓ କୃତିତ୍ୱ। ନିଗମ ବୁକ ଷ୍ଟୋର,୧୯୭୪।
7. ସାମନ୍ତରାୟ, ନଟବର। ଫକୀରମୋହନ ସାହିତ୍ୟ ସମୀକ୍ଷା। ଗ୍ରନ୍ଥାଳୟ,୧୯୮୪।
8. ଷଡ଼ଙ୍ଗୀ, ନୃସିଂହ। ଫକୀରମୋହନଙ୍କ ଗଳ୍ପ ଜଗତ-ଶିଳ୍ପରୀତି। ଏସ. ବି. ପବ୍ଲିକେସନ,୧୯୯୧।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About the Author**



**ଅଧ୍ୟାପକ ଆଲୋକ ରଞ୍ଜନ ଷଡଙ୍ଗୀ** - ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମର୍ପିତ ଜଣେ ଶ୍ରଦ୍ଧେୟ ସାରସ୍ୱତ ସାଧକ। ବର୍ତ୍ତମାନ ସେ ଢେଙ୍କାନାଳର ପ୍ରସିଦ୍ଧ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଅଧ୍ୟାପନା କରିବା ସହ ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ନିରନ୍ତର ଚେଷ୍ଟାରତ। ଶବ୍ଦର ଗାମ୍ଭୀର୍ଯ୍ୟ ଏବଂ ନୂତନ ଚିନ୍ତାଧାରାର ମନନଶୀଳତା ତାଙ୍କ ଲେଖନୀକୁ ଅତ୍ୟନ୍ତ ଆକର୍ଷଣୀୟ ଓ ନିଆରା କରିପାରିଛି। ତାଙ୍କର ଅନେକ ପ୍ରବନ୍ଧ ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ।


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/